ODISHA RESEARCH CENTRE

# ଭାରତୀୟ ଜ୍ଞାନ ପରମ୍ପରା



DR. GOPAL PRASAD MOHAPATRA

ODISHA RESEARCH CENTRE

# ଭାରତୀୟ ଜ୍ଞାନ ପରମ୍ପରା

**୧. ପୃଷ୍ଠଭୂମି** – କୌଣସି ବି ରାଷ୍ଟ୍ର ସମ୍ପର୍କରେ ଜାଣିବାକୁ ହେଲେ ସେ ଦେଶର ଜ୍ଞାନ ପରମ୍ପରାକୁ ଜାଣିବା ଓ ବୁଝିବା ଦରକାର। ତେବେ ଯାଇ ସେ ରାଷ୍ଟ୍ର ସମ୍ପର୍କରେ ଜ୍ଞାନ ଆହରଣ କରାଯାଇ ପାରିବ। 'ଭାରତସ୍ୟ ପ୍ରତିଷ୍ଟେ ଦ୍ୱେ ସଂସ୍କୃତ ସଂସ୍କୃତି ସ୍ତଥା', ଅର୍ଥାତ୍ ସଂସ୍କୃତ ଭାଷା ଓ ଭାରତୀୟ ସଂସ୍କୃତି କାରଣରୁ ବିଶ୍ୱରେ ଭାରତ ପ୍ରତିଷ୍ଠିତ। ଭାରତୀୟ ସଂସ୍କୃତି ଓ ସଂସ୍କୃତ ଭାଷା ଅନ୍ୟୋନ୍ୟାଶ୍ରୟ ଯାହାକି ଭାରତୀୟ ଜ୍ଞାନ ପରମ୍ପରାର ବାହକ। ତେଣୁ ଭାରତକୁ ଜାଣିବାକୁ ହେଲେ ଭାରତୀୟ ଜ୍ଞାନ ପରମ୍ପରାକୁ ଜାଣିବାକୁ ଓ ବୁଝିବାକୁ ହେବ। ତଦ୍ୱାରା ଭାରତକୁ ଆମେ ଜାଣିବା ଓ ବୁଝିବା, ତେବେ ଯାଇ ଆମେ ପ୍ରକୃତାର୍ଥରେ ଭାରତୀୟ ହେବା ସହ ଭାରତୀୟତାର ଆଧାରରେ ଭାରତକୁ ଏକ ପରମବୈଭବ ସମ୍ପନ୍ନ ରାଷ୍ଟ୍ରରେ ପରିଣତ କରାଇପାରିବା। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ପ୍ରାଚୀନ ଓ ଶାଶ୍ୱତ ଭାରତୀୟ ଜ୍ଞାନ ଏବଂ ଚିନ୍ତାଧାରାର ସମୃଦ୍ଧ ଐତିହ୍ୟ ହେଉଛି ଏହି ଶିକ୍ଷାନୀତିର ମାର୍ଗଦର୍ଶକ ତତ୍ତ୍ୱ। ତାର କାରଣ ହେଉଛି ପ୍ରାଚୀନ ଭାରତୀୟ ଶିକ୍ଷା କେବଳ ଜୀବନ ଜୀବିକା ଜନିତ ଜ୍ଞାନ ଆହରଣ ଭିତରେ ସୀମିତ ନ ଥିଲା, ଅର୍ଥାତ୍ ଏହାର ଉଦ୍ଦେଶ୍ୟ ଥିଲା ସମ୍ପୂର୍ଣ୍ଣ ଆତ୍ମ ଉପଲବ୍ଧି ଓ ଆତ୍ମ ମୁକ୍ତି। ଏ ଦୃଷ୍ଟିରୁ ବୈଶ୍ୱିକ ସ୍ତରରେ ଭାରତୀୟ ସଂସ୍କୃତି ଓ ଦର୍ଶନର ଏକ ଶକ୍ତିଶାଳୀ ପ୍ରଭାବ ଥିଲା। ତେଣୁ ଏହି ସମୃଦ୍ଧ ପରମ୍ପରାର ସଂରକ୍ଷଣ ଓ ପରିପୋଷଣ ସହିତ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ଭିତରେ ମଧ୍ୟ ଏହାର ପ୍ରୟୋଗ କରାଯିବା ଆବଶ୍ୟକ। କାରଣ ଏହି ଶିକ୍ଷାନୀତିର ମୂଳତତ୍ତ୍ୱ ପର୍ଯ୍ୟାୟରେ ଉଲ୍ଲିଖିତ ହୋଇଛି ଯେ – "ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଉତ୍ତମ ମନୁଷ୍ୟର ନିର୍ମାଣ କରିବା, ଯାହା ପାଖରେ ଦୃଢ଼ ନୈତିକ ମୂଲ୍ୟବୋଧ ସହିତ ଦୟା ଓ ସହାନୁଭୂତି, ସାହସିକତା ଓ ସ୍ଥିରତା, ବୈଜ୍ଞାନିକ ଚିନ୍ତାଧାରା ଓ ସୃଜନାତ୍ମକ କଳ୍ପନା ଆଧାରରେ ଯୁକ୍ତିଯୁକ୍ତ ଭାବରେ ଚିନ୍ତା ଓ କାର୍ଯ୍ୟ କରିବାର ଦକ୍ଷତା ଥିବ।" ଏହି ଦୃଷ୍ଟିରୁ ଯଦି ଆମେ ବିଚାର କରିବା ତେବେ ଅତୀତ ଭାରତର ଜ୍ଞାନ ପରମ୍ପରା କାରଣରୁ ଭାରତ ବିଶ୍ୱରେ ଖ୍ୟାତି ଲାଭ କରିଥିଲା ଏବଂ ଭାରତର ସେ ସମୟର ଶିକ୍ଷା ବ୍ୟବସ୍ଥା ଭିତରୁ ଏ ପ୍ରକାରର ବ୍ୟକ୍ତିତ୍ୱର ନିର୍ମାଣ ମଧ୍ୟ ହେଉଥିଲା। ଯାହାଦ୍ୱାରା ଭାରତ ବିଶ୍ୱଗୁରୁ ଭାବରେ ପ୍ରତିଷ୍ଠିତ ହୋଇଥିଲା। ତେଣୁ ବର୍ତ୍ତମାନ ମଧ୍ୟ ଭାରତ କିପରି ନିଜର ବିକାଶ କରାଇବା ସହ ବିଶ୍ୱର ପଥ ପ୍ରଦର୍ଶକ ମଧ୍ୟ ହୋଇପାରିବ ତାହା ହିଁ ଚିନ୍ତନର ବିଷୟ ହେବା ଉଚିତ। ଏଥିପାଇଁ ପ୍ରାଚୀନ ଭାରତର ଶିକ୍ଷା ବ୍ୟବସ୍ଥାକୁ ବର୍ତ୍ତମାନ ପ୍ରସଙ୍ଗରେ ଯୁଗୋପଯୋଗୀ କରାଇବା ସହ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ କଲେ ଅନୁରୂପ ସୁଯୋଗ୍ୟ ବ୍ୟକ୍ତିତ୍ୱମାନଙ୍କ ଦ୍ୱାରା ଭାରତ ସମୃଦ୍ଧ ହୋଇପରିବ। ସେଥିପାଇଁ ରାଷ୍ଟ୍ରୀୟ ଶିକ୍ଷା ପ୍ରାରୂପ ୨୦୨୩ (NCF-2023) ଓ ଓଡ଼ିଶା ଶିକ୍ଷା ପ୍ରାରୂପ ୨୦୨୫ (OCF-2025) ରେ ମଧ୍ୟ ଭାରତୀୟ ଜ୍ଞାନ ପରମ୍ପରାକୁ ପ୍ରାଧାନ୍ୟ ଦିଆଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ର ଉପକ୍ରମ, ଆଧାର ସିଦ୍ଧାନ୍ତ ଓ ଭାଗ ୧ର ଚତୁର୍ଥ ଅଧ୍ୟାୟ (୪.୨୭)ରେ ଏହି ସମ୍ବନ୍ଧରେ ଉଲ୍ଲେଖ ରହିଛି।

**୨. ପ୍ରତ୍ୟାଶିତ ଫଳାଫଳ** –

କ) ପିଲାମାନେ ଆମର ଗୌରବଶାଳୀ ଭାରତ ସମ୍ପର୍କରେ ଜାଣିବାର ସୁଯୋଗ ପାଇପାରିବେ।

ଖ) ସର୍ବାଙ୍ଗ ଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରଭକ୍ତ ବ୍ୟକ୍ତିତ୍ୱମାନଙ୍କର ନିର୍ମାଣ ହୋଇପାରିବ।

ଗ) ଭାରତୀୟ ଜ୍ଞାନ ପରମ୍ପରାର ଆଧାରରେ ଯୁଗୋପଯୋଗୀ ଭାରତର ନବ ନିର୍ମାଣ ହୋଇପାରିବ।

ଘ) କେବଳ ଅତୀତରେ ନୁହେଁ ଆଜି ମଧ୍ୟ ଭାରତ ସମଗ୍ର ବିଶ୍ୱରେ ଜ୍ଞାନ ଓ ବିଜ୍ଞାନରେ ଅଗ୍ରଣୀ ଏ ବିଷୟକ ଜ୍ଞାନ ଲାଭ କରି ସ୍ୱାଭିମାନୀ ହୋଇପାରିବେ।

ଙ) ଭାରତ ପରମ ବୈଭବ ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହେବା ସହ ବିଶ୍ୱର ମଧ୍ୟ କଲ୍ୟାଣ ହେବ।

**୩. ଶିକ୍ଷଣ ବିନ୍ଦୁ** –

ପ୍ରଶ୍ନାବଳୀ –

କ) ଭାରତୀୟ ଜ୍ଞାନ ପରମ୍ପରା କହିଲେ ଆମେ କଣ ବୁଝୁ ?

ଖ) ଭାରତୀୟ ଜ୍ଞାନ ପରମ୍ପରାରେ କେଉଁ କେଉଁ ବିଷୟର ଚର୍ଚ୍ଚା ହୋଇପରିବ ?

ଗ) ଭାରତୀୟ ଜ୍ଞାନ ପରମ୍ପରାର ବିଶେଷତା କଣ ?

ଘ) ସାଧାରଣ ବ୍ୟକ୍ତିଟିଏ ପାଇଁ ଭାରତୀୟ ଜ୍ଞାନ ପରମ୍ପରାର ମହତ୍ତ୍ୱ କଣ ?

ଙ) ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଆମେ କାହିଁକି ଜାଣିବା ?

**ଭାରତର ପରିଚୟ** – ଭାରତ ଗୋଟିଏ ସନାତନ ରାଷ୍ଟ୍ର। ଭାରତ ସମ୍ପର୍କରେ ବିଷ୍ଣୁ ପୁରାଣରେ ଉଲ୍ଲେଖ ଅଛି –

ଉତ୍ତରଂ ଯତ୍ ସମୁଦ୍ରସ୍ୟ ହିମାଦ୍ରେଶ୍ଚୈବ ଦକ୍ଷିଣଂ
ବର୍ଷଂ ତଦ୍ ଭାରତଂ ନାମ ଭାରତୀ ଯତ୍ର ସନ୍ତତିଃ।

ଭାରତବର୍ଷର ନାମକରଣ ସମ୍ପର୍କରେ ବିଷ୍ଣୁ ପୁରାଣ ଓ ଶ୍ରୀମଦ୍ ଭାଗବତ ମହାପୁରାଣରେ ବର୍ଣ୍ଣନା କରାଯାଇଛି। ତଦନୁସାରେ ମନୁ ଓ ଶତରୂପାଙ୍କର ପୁତ୍ର ଉତ୍ତାନପାଦ ଓ ପ୍ରିୟବ୍ରତ, ପ୍ରିୟବ୍ରତଙ୍କ ପୁତ୍ର ଅଗ୍ନିଧ୍ର, ଅଗ୍ନିଧ୍ରଙ୍କ ପୁତ୍ର ନାଭି, ନାଭିଙ୍କ ପୁତ୍ର ଋଷଭ ଓ ଋଷଭଙ୍କ ପୁତ୍ର ଭରତ। ଏହି ଭରତଙ୍କ ନାମାନୁସାରେ ପୂର୍ବରୁ ନାମିତ ହୋଇଥିବା ଅଜନାଭ ବର୍ଷ ଭାରତବର୍ଷ ନାମରେ ନାମିତ ହେଲା।

ମନୁ + ଶତରୂପା → ପ୍ରିୟବ୍ରତ → ଅଗ୍ନିଧ୍ର → ନାଭି → ଋଷଭ → ଭରତ

ପ୍ରିୟବ୍ରତ ପୃଥିବୀକୁ ୭ଟି ଦ୍ୱୀପରେ ବିଭକ୍ତ କରିଥିଲେ। ତନ୍ମଧ୍ୟରୁ ଜମ୍ବୁ ଦ୍ୱୀପକୁ ୯ଟି ବର୍ଷରେ ବିଭକ୍ତ କରିଥିଲେ। ସେହି ୯ଟି ବର୍ଷ ମଧ୍ୟରୁ ଅଜନାଭ ବର୍ଷଟି ଭରତଙ୍କ ନାମାନୁସାରେ ଭାରତବର୍ଷ ଭାବରେ ନାମିତ ହେଲା। ଆହୁରି ଅନେକ ଭରତ ନାମଧେୟ ରାଜା ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ଜନ୍ମ ନେଇଛନ୍ତି।

ପୃଥିବୀ (୭ଟି ଦ୍ୱୀପ)

ଜମ୍ବୁଦ୍ୱୀପ | ଶାକଦ୍ୱୀପ | କ୍ରୌଞ୍ଚଦ୍ୱୀପ | ଶାଲ୍ମଳୀଦ୍ୱୀପ | ପ୍ଲକ୍ଷଦ୍ୱୀପ | କୁଶଦ୍ୱୀପ | ପୁଷ୍କରଦ୍ୱୀପ

ଅଜନାଭବର୍ଷ (ଭାରତବର୍ଷ) | କିଂପୁରୁଷବର୍ଷ | ହରିବର୍ଷ | ଇଳାବୃତବର୍ଷ | ରମ୍ୟକବର୍ଷ | ହିରଣ୍ମୟବର୍ଷ | କୁରୁବର୍ଷ | ଭଦ୍ରାଶ୍ୱବର୍ଷ | କେତୁମାଳବର୍ଷ

❖ **ଭାରତୀୟ ଜୀବନ ଶୈଳୀ** - ସ୍ୱାମୀ ବିବେକାନନ୍ଦଙ୍କ ମତାନୁସାରେ ପ୍ରତ୍ୟେକ ରାଷ୍ଟ୍ରର ଆତ୍ମା ଭିନ୍ନ ଏବଂ ଭାରତର ଆତ୍ମା ହେଉଛି ଅଧ୍ୟାତ୍ମ। କାରଣ ତାଙ୍କ ଭାଷାରେ ଭାରତ ଗୋଟିଏ ଆଧ୍ୟାତ୍ମିକ ରାଷ୍ଟ୍ର। ତେଣୁ ଅଧ୍ୟାତ୍ମ ପ୍ରେରିତ ଧର୍ମ (କର୍ତ୍ତବ୍ୟ, ପାରସ୍ପରିକତା), ଧର୍ମାନୁମୋଦିତ ସଂସ୍କୃତି (ଜୀବନ ମୂଲ୍ୟ) ଓ ସଂସ୍କୃତି ପ୍ରେରିତ ସଭ୍ୟତା ତଥା ପରମ୍ପରାଗୁଡ଼ିକ କାଳକ୍ରମେ ସଂସ୍କାରିତ ଭାରତୀୟ ଜୀବନଶୈଳୀରେ ପରିଣତ ହୋଇଯାଇଛି, ଯାହାକି ସମଗ୍ର ବିଶ୍ୱ ପାଇଁ ମଧ୍ୟ ଉଦାହରଣୀୟ ଓ ଅନୁସରଣୀୟ ମଧ୍ୟ।

ଜୀବନଶୈଳୀ - ଅଧ୍ୟାତ୍ମ → ଧର୍ମ (କର୍ତ୍ତବ୍ୟ, ପାରସ୍ପରିକତା) → ସଂସ୍କୃତି (ଜୀବନ ମୂଲ୍ୟ) → ସଭ୍ୟତା → ପରମ୍ପରା

ଏକତ୍ୱର ଅଭିବ୍ୟକ୍ତି ବିବିଧତାରେ | ସମନ୍ୱୟ | ତ୍ୟାଗ | ସଂଯମ | କୃତଜ୍ଞତା

ପୁରୁଷାର୍ଥ ଚତୁଷ୍ଟୟ

ଧର୍ମ (କର୍ତ୍ତବ୍ୟ, ପାରସ୍ପରିକତା) | ଅର୍ଥ | କାମ | ମୋକ୍ଷ

ଅର୍ଥ, କାମ — ଭୌତିକ ଜୀବନର ଆବଶ୍ୟକତା

ମୋକ୍ଷ — ମୁଁ ଭିତରୁ ମୁକ୍ତ ହୋଇ ନିଜକୁ ମହା ସ୍ରୋତ ସହ ଏକାକାର କରିଦେବା

ଆଶ୍ରମ ବ୍ୟବସ୍ଥା

- ବ୍ରହ୍ମଚର୍ଯ୍ୟାଶ୍ରମ (ଅଧ୍ୟୟନ)
- ଗୃହସ୍ଥାଶ୍ରମ
- ବାନପ୍ରସ୍ଥାଶ୍ରମ
- ସନ୍ନ୍ୟାସ୍ୟାଶ୍ରମ

ପରିବାର ବ୍ୟବସ୍ଥା (ବ୍ୟକ୍ତି ନିର୍ମାଣର ପ୍ରାଥମିକ କେନ୍ଦ୍ର)

ପରିଚୟ | ସୁରକ୍ଷା | ଭାବାତ୍ମକ ଏକତା | ସାମାଜିକତା → ରାଷ୍ଟ୍ରୀୟତା → ବିଶ୍ୱ ବନ୍ଧୁତା → ପ୍ରକୃତି ସହ ସମନ୍ୱୟ → ପରମାତ୍ମାଙ୍କ ପ୍ରତି ସମର୍ପଣ

ଷୋଡ଼ଶ ସଂସ୍କାର

ଗର୍ଭାଧାନ | ପୁଂସବନ | ସୀମନ୍ତୋନ୍ନୟନ | ଜାତକର୍ମ | ନାମକରଣ | ନିଷ୍କ୍ରମଣ | ଅନ୍ନପ୍ରାସନ୍ନ | ଚୂଡ଼ାକରଣ | କର୍ଣ୍ଣବେଧ | ଉପନୟନ | ବେଦାରମ୍ଭ | ସମାବର୍ତ୍ତନ | ବିବାହ | ବାନପ୍ରସ୍ଥ | ସନ୍ନ୍ୟାସ | ଅନ୍ତ୍ୟେଷ୍ଟି

**ପଞ୍ଚମହାଯଜ୍ଞ**

- ଦେବଯଜ୍ଞ – ଆମର ଜୀବନଧାରଣର ଆଧାରଭୂତ ଦେବତାମାନଙ୍କ ପ୍ରତି କୃତଜ୍ଞତା ନିବେଦନ।
- ଋଷିଯଜ୍ଞ – ସ୍ୱାଧ୍ୟାୟ ଏବଂ ଜ୍ଞାନ ବିତରଣ
- ପିତୃଯଜ୍ଞ – ପିତୃପୁରୁଷଙ୍କର ସ୍ମରଣ ଓ ସେମାନଙ୍କର କୃତିର ଅନୁବର୍ତ୍ତନ ତଥା ଶ୍ରଦ୍ଧା ନିବେଦନ
- ଅତିଥି ସତ୍କାର ଓ ସମାଜ ସେବା-ନୃଯଜ୍ଞ
- ଜୀବଜଗତର ସେବା-ଭୂତଯଜ୍ଞ

❖ **ଭାରତୀୟ ଶିକ୍ଷା ବ୍ୟବସ୍ଥା** – ଭାରତୀୟ ଶିକ୍ଷା ବ୍ୟବସ୍ଥା ବ୍ୟକ୍ତିର ସର୍ବାଙ୍ଗୀଣ ବିକାଶ ତଥା ସମଗ୍ର ବିକାଶ ପାଇଁ ହିଁ ଉଦ୍ଦିଷ୍ଟ। ୪ ଗୋଟି ଆଶ୍ରମ ମଧ୍ୟରୁ ପ୍ରଥମ ଆଶ୍ରମ ବ୍ରହ୍ମଚର୍ଯ୍ୟାଶ୍ରମ ହିଁ ଶିକ୍ଷାର ପ୍ରମୁଖ ଭିତ୍ତିଭୂମି। ଷୋଡ଼ଶ ସଂସ୍କାର ବିଧିରୁ ଉପନୟନ ସଂସ୍କାରଟି ଗୁରୁକୁଳରେ ହିଁ ହୋଇଥାଏ ଓ ତାର ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରହ୍ମଚର୍ଯ୍ୟାଶ୍ରମ ପ୍ରାରମ୍ଭ ହୋଇଥାଏ।

❖ **ଗୁରୁକୁଳ ବ୍ୟବସ୍ଥାର ବୈଶିଷ୍ଟ୍ୟ** –

୧. ଆଚାର୍ଯ୍ୟ ଓ ଶିଷ୍ୟଙ୍କର ଏକତ୍ର ସହାବସ୍ଥାନ।
୨. ଗୁରୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଷ୍ୟମାନେ ଜୀବନ ନିର୍ବାହ କରିବା।
୩. ପ୍ରଶ୍ନୋତ୍ତରାତ୍ମକ ଶୈଳୀ ଓ ସେବା, ଭକ୍ତି ତଥା ସମର୍ପଣ ଭାବ ସହ ଅଧ୍ୟୟନ।
୪. ଶିଷ୍ୟମାନଙ୍କ ଦ୍ୱାରା ଆଶ୍ରମର ସବୁ ପ୍ରକାରର କାର୍ଯ୍ୟ ସମ୍ପାଦନ।
୫. ଏହାର ଆଧାର ସ୍ନେହ, ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ସମ୍ମାନ।

❖ **ପଠନୀୟ ବିଷୟ** –

- ବେଦ – ୪
- ବେଦାଙ୍ଗ – ୬
- ଉପାଙ୍ଗ – ୪
- ଉପବେଦ – ୪

**ବେଦ**

- ଋଗ୍‌ବେଦ – ୧୦୫୫୨ ମନ୍ତ୍ର
- ଯଜୁର୍ବେଦ – ୧୯୭୫ କଣ୍ଡିକା
  - ଶୁକ୍ଳ
  - କୃଷ୍ଣ
- ସାମବେଦ – ୧୮୭୫ ମନ୍ତ୍ର
- ଅଥର୍ବବେଦ – ୫୯୭୭ ମନ୍ତ୍ର

ବେଦ –

- ସଂହିତା – ମନ୍ତ୍ରଭାଗ – ବ୍ରହ୍ମଚର୍ଯ୍ୟାଶ୍ରମ
- ବ୍ରାହ୍ମଣ – ବିଧି ଓ ଅର୍ଥବାଦ – ଗୃହସ୍ଥାଶ୍ରମ
- ଆରଣ୍ୟକ – ଉପାସନା କାଣ୍ଡ – ବାନପ୍ରସ୍ଥାଶ୍ରମ
- ଉପନିଷଦ – ଜ୍ଞାନକାଣ୍ଡ – ସନ୍ନ୍ୟାସାଶ୍ରମ (ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ମୁଖ୍ୟତଃ ୧୦ଟି ଉପନିଷଦର ଭାଷ୍ୟକର୍ତ୍ତା)

## ବେଦାଙ୍ଗ

- ଶିକ୍ଷା
  - ଧ୍ୱନି ଓ ସ୍ୱର ବିଜ୍ଞାନ
- କଳ୍ପ
  - ଯାଜ୍ଞିକ ବିଧି
  - ସଂସ୍କାର ବିଷୟକ ତତ୍ତ୍ୱାବଳୀ
  - ଗଣିତ ଓ ତ୍ରିକୋଣମିତି
- ଛନ୍ଦ
  - ବୈଦିକ ମନ୍ତ୍ରର ଗାନବିଧି
- ନିରୁକ୍ତ
  - କଠିନ ଶବ୍ଦଗୁଡ଼ିକର କୋଷଗ୍ରନ୍ଥ
- ବ୍ୟାକରଣ
  - ଶବ୍ଦ ବିଜ୍ଞାନ
- ଜ୍ୟୋତିଷ
  - ଖଗୋଳ ବିଜ୍ଞାନ
  - କାଳ ବିଜ୍ଞାନ (କାଳଗଣନା ପଦ୍ଧତି)
  - ଗଣିତ

## ଉପାଙ୍ଗ

- ମୀମାଂସା - କର୍ମ ପ୍ରାଧାନ୍ୟଭିତ୍ତିକ କର୍ମକାଣ୍ଡ
- ପୁରାଣ - ଅଷ୍ଟାଦଶ ମହାପୁରାଣ - ଇତିହାସ ଓ ପରମ୍ପରାର ବାହକ - ଅଷ୍ଟାଦଶ ମହାପୁରାଣର ନିଷ୍କର୍ଷ
  ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଂ ଦ୍ୱେ
  ପରୋପକାରାୟ ପୁଣ୍ୟାୟ ପାପାୟ ପରପୀଡ଼ନମ୍
- ନ୍ୟାୟ - ତର୍କ ପ୍ରକ୍ରିୟା
- ଧର୍ମଶାସ୍ତ୍ର
  - ସାମାଜିକ ବ୍ୟବସ୍ଥା
  - ନୀତି, ନିୟମ, ଆଇନ ବ୍ୟବସ୍ଥା
  - ସମାଜବିଜ୍ଞାନ

## ଉପବେଦ

- ଧନୁର୍ବେଦ - ଯୁଦ୍ଧଶାସ୍ତ୍ର
- ଗାନ୍ଧର୍ବ ବେଦ - ସଙ୍ଗୀତ (ଗୀତ, ବାଦ୍ୟ, ନୃତ୍ୟ), ଅନ୍ୟାନ୍ୟ କଳା
- ଆୟୁର୍ବେଦ
  - ଭେଷଜ ଚିକିତ୍ସା
    - ଚରକ
  - ଶଲ୍ୟ ଚିକିତ୍ସା
    - ସୁଶ୍ରୁତ
  - ରସାୟନ ଶାସ୍ତ୍ର
    - ନାଗାର୍ଜୁନ
- ଅର୍ଥଶାସ୍ତ୍ର
  - ରାଜନୀତି
  - ଅର୍ଥନୀତି
  - କୃଷି
  - ଗୋରକ୍ଷା
  - ବାଣିଜ୍ୟ
  - ପଶୁପାଳନ
  - ନିର୍ମାଣ ଶାସ୍ତ୍ର

## ଦର୍ଶନ

- ଆସ୍ତିକ
  - ନ୍ୟାୟ
    - ଗୌତମ
  - ବୈଶେଷିକ
    - କଣାଦ
  - ସାଂଖ୍ୟ
    - କପିଳ
  - ଯୋଗ
    - ପତଞ୍ଜଳି
  - ମୀମାଂସା
    - ଜୈମିନି
  - ବେଦାନ୍ତ
    - ବ୍ୟାସ
- ନାସ୍ତିକ
  - ଜୈନ
  - ବୌଦ୍ଧ
  - ଚାର୍ବାକ

### ପ୍ରସ୍ଥାନ ତ୍ରୟୀ

- ବ୍ରହ୍ମସୂତ୍ର
- ଶ୍ରୀମଦ୍‌ଭଗବଦ୍‌ଗୀତା
  - ୭୦୦ ଶ୍ଳୋକ ସଂପନ୍ନ ମହାଭାରତର ଭୀଷ୍ମପର୍ବର ଅଂଶବିଶେଷ
- ଉପନିଷଦ

**ଶ୍ରୀମଦ୍‌ଭଗବତ୍‌ଗୀତା –** ମହାଭାରତର ଭୀଷ୍ମ ପର୍ବର ଏହା ଅଂଶବିଶେଷ। ଏହା ଏକ କାଳଜୟୀ ଗ୍ରନ୍ଥ ମଧ୍ୟ। ଜୀବନର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଓ ପ୍ରତ୍ୟେକ ସମସ୍ୟାର ସମାଧାନ ମଧ୍ୟ ଏଥିରୁ ପ୍ରାପ୍ତ ହୋଇପାରିବ। ତେଣୁ ଏହା ଏକ କାଳଜୟୀ ଶାସ୍ତ୍ର। ୧୬.୦୭.୧୯୪୫ରେ ଯେତେବେଳେ ଅଲମାଗୋଡ଼ାରେ ଆଟମ୍ ବମ୍‌ର ପରୀକ୍ଷଣ ହେଲା ସେତେବେଳେ ଯେଉଁ ଦୃଶ୍ୟ ସୃଷ୍ଟି ହେଲା ତାହା ଦେଖିଲା ପରେ ଏହି ବମ୍‌ର ପ୍ରସ୍ତୁତକର୍ତ୍ତା ରବର୍ଟ ଓପନ୍ ହାଇମର ଭଗବଦ୍‌ଗୀତାର ଏକାଦଶ ଅଧ୍ୟାୟର ୧୨ ଓ ୩୨ ନମ୍ବର ଶ୍ଳୋକଦ୍ୱୟର ଉଲ୍ଲେଖ କରିଥିଲେ। ଏ କଥାର ବର୍ଣ୍ଣନା ରବର୍ଟ ହୁକ୍ ତାଙ୍କର Brighter than a thousand suns ନାମକ ପୁସ୍ତକର ୧୮୩ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି।

### ଦୁଇଟି ବିଶିଷ୍ଟ ଐତିହାସିକ ଅମୂଲ୍ୟ ଗ୍ରନ୍ଥ (ଜ୍ଞାନର ଭଣ୍ଡାର)

- ରାମାୟଣ (ମହର୍ଷି ବାଲ୍ମୀକି)
  - ୭ଟି କାଣ୍ଡ
  - ୨୪୦୦୦ ଶ୍ଳୋକ
- ମହାଭାରତ (ମହର୍ଷି ବେଦବ୍ୟାସ)
  - ୧୮ଟି ପର୍ବ
  - ୧ ଲକ୍ଷ ଶ୍ଳୋକ

### କାବ୍ୟ

- ଦୃଶ୍ୟ
  - ନାଟକ ଇତ୍ୟାଦି ୧୦ଟି ରୂପକ
- ଶ୍ରବ୍ୟ
  - ଗଦ୍ୟ
    - କଥା
    - ଆଖ୍ୟାୟିକା
  - ପଦ୍ୟ
    - ମହାକାବ୍ୟ
    - ଖଣ୍ଡକାବ୍ୟ/ଗୀତିକାବ୍ୟ
  - ଚମ୍ପୂ

ଏପରି ଭାବରେ ସମୟ କ୍ରମେ ଏ ସମସ୍ତ ବିଷୟଗୁଡ଼ିକର ପ୍ରଶିକ୍ଷଣ ଗୁରୁକୁଳରେ ହେଉଥିଲା ଓ ତତ୍ ସହିତ ବିଦ୍ୱାନମାନେ ମଧ୍ୟ ଏ ସବୁର ଅଧ୍ୟୟନ କରିବା ସହ ଅଧ୍ୟାପନା ଓ ଜ୍ଞାନଦାନ ମଧ୍ୟ ପାତ୍ରତାକୁ ଦେଖିକରି କରୁଥିଲେ, ଯାହାର ଫଳସ୍ୱରୂପ ଭାରତବର୍ଷ ଭାରତୀୟ ଜ୍ଞାନ ପରମ୍ପରାର ଆଧାରରେ ବିକାଶର ସୋପାନ ଆରୋହଣ କରି ଚାଲିଛି। କ୍ରମଶଃ ଏ ସମସ୍ତ ଜ୍ଞାନ ରାଜି କାବ୍ୟ, ନାଟକ ଇତ୍ୟାଦି ମାଧ୍ୟମରେ ସମାଜର ସାଧାରଣ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ପାଇଁ କବି ନାଟ୍ୟକାରମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟା ଜାରି ରଖିଥିଲେ ରଖିଛନ୍ତି ମଧ୍ୟ।

❖ **ଗୁରୁକୁଳ ବ୍ୟବସ୍ଥାର ପରିଣତି –** ଗୁରୁକୁଳ ବ୍ୟବସ୍ଥାରେ ବ୍ରହ୍ମଚର୍ଯ୍ୟାଶ୍ରମର ଦୃଢ଼ ଭିତ୍ତିଭୂମି ନିର୍ମାଣ କରାଯାଉଥିଲା। ଏହି ବ୍ୟବସ୍ଥାରେ ବ୍ୟକ୍ତି ପରିପୂର୍ଣ୍ଣ ଜ୍ଞାନ ଲାଭ କରୁଥିଲା। ଫଳତଃ ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବିକାଶ ହେବା ସହ ଭାରତୀୟ ବ୍ୟକ୍ତିତ୍ୱର ମଧ୍ୟ ବିକାଶ ହେଉଥିଲା ଓ ଏବଂଭୂତ ବ୍ୟକ୍ତିତ୍ୱ ବୈଶ୍ୱିକ ମାନସିକତା ନେଇ ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲା ତଥା ନିଜକୁ ରାଷ୍ଟ୍ର ପାଇଁ ସମର୍ପଣ କରିବା ସହ ବିଶ୍ୱ କଲ୍ୟାଣ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲା। ଏହାର ଫଳସ୍ୱରୂପ ଭାରତୀୟ ବ୍ୟକ୍ତିତ୍ୱମାନେ ସମଗ୍ର ବିଶ୍ୱରେ ଭାରତର ଜ୍ଞାନ ବିଜ୍ଞାନର ପ୍ରଚାର କରିଥିଲେ ଓ ବିଶ୍ୱକୁ ଏକ ଜୀବନଶୈଳୀ ମଧ୍ୟ ପ୍ରଦାନ କରିଥିଲେ।

❖ **ଭାରତରେ ବିଜ୍ଞାନର ପରମ୍ପରା** – କେବଳ ଆଧ୍ୟାତ୍ମିକ ଜ୍ଞାନ ନୁହେଁ ଭୌତିକ ବିଜ୍ଞାନରେ ମଧ୍ୟ ଭାରତ ଅଗ୍ରଣୀ ଥିଲା। ମାଧ୍ୟାକର୍ଷଣ ଶକ୍ତି ସମ୍ପର୍କରେ ନିଉଟନ୍‌ଙ୍କର ବହୁ ବର୍ଷ ପୂର୍ବରୁ ଗୋଲ ପରିଭାଷାରେ ଏ ବିଷୟ ଉଲ୍ଲିଖିତ। ଗଣିତଜ୍ଞ ଆର୍ଯ୍ୟଭଟ୍ଟ ବିଶ୍ୱବିଶ୍ରୁତ। ଆର୍ଯ୍ୟଭଟ୍ଟଙ୍କ ଦ୍ୱାରା ୪୯୯ ଖ୍ରୀଷ୍ଟାବ୍ଦରେ ବର୍ଗମୂଳ ଓ ଘନମୂଳ ସୂତ୍ରର ପ୍ରଣୟନ କରାଯାଇଥିଲା। ଆର୍ଯ୍ୟଭଟ୍ଟ $\pi$ର ମୂଲ୍ୟ ୩.୧୪୧୬୯୨୬ ବୋଲି ନିର୍ଦ୍ଧାରଣ କରିଥିଲେ। ୧୬୧୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୟୁରୋପୀୟମାନେ ଏହା ଜାଣି ପାରି ନ ଥିଲେ। ପିଥାଗୋରସଙ୍କ ଜନ୍ମର ୩୦୦ ବର୍ଷ ପୂର୍ବରୁ ଋଷି ବୋଧାୟନ ଶ୍ରୌତ ସୂତ୍ରରେ (ଭୂମି$^{୨}$ + ଉଚ୍ଚତା$^{୨}$ = କର୍ଣ୍ଣ$^{୨}$) ଉଲ୍ଲେଖ କରିଛନ୍ତି। ସାୟଣାଚାର୍ଯ୍ୟ ପ୍ରକାଶର ବେଗ ୭୪୦୦୦ କୋଶ (୧୮୫୦୦ ମାଇଲ) ପରିମିତ ବୋଲି ଉଲ୍ଲେଖ କରିଛନ୍ତି। **ଗୋବର୍ଦ୍ଧନ ପୀଠ, ପୁରୀର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଭାରତୀକୃଷ୍ଣ ବେଦର ୧୬ଟି ସୂତ୍ର ମାଧ୍ୟମରେ ସବୁ ପ୍ରକାରର ଗାଣିତିକ ସମସ୍ୟାର ସମାଧାନ କରିଦେଉଥିଲେ, ଯାହାକି ଆଜି ବୈଦିକ ଗଣିତ ନାମରେ ଖ୍ୟାତ।** ଦିଲ୍ଲୀର ଲୌହ ସ୍ତମ୍ଭରେ ଆଜି ମଧ୍ୟ କଳଙ୍କି ଲାଗୁ ନାହିଁ। ଭରଦ୍ୱାଜଙ୍କର ବିମାନଶାସ୍ତ୍ର, ନାଗାର୍ଜୁନଙ୍କର ଲୋହାଳୟ ନିର୍ମାଣ ଇତ୍ୟାଦି ଏ ସବୁର ପ୍ରକୃଷ୍ଟ ଉଦାହରଣ। ଭାରତର ବାସ୍ତୁଶାସ୍ତ୍ର, ଶିଳ୍ପଶାସ୍ତ୍ର ଓ ସଙ୍ଗୀତଶାସ୍ତ୍ର ଇତ୍ୟାଦି ବିଶ୍ୱରେ ଅତୁଳନୀୟ। ସଙ୍ଗୀତ ଓ ଯୋଗ ମାଧ୍ୟମରେ ଚିକିତ୍ସାଶାସ୍ତ୍ର ମଧ୍ୟ ବିକଶିତ ହୋଇଛି। **ଓଡ଼ିଶାର ବିଶିଷ୍ଟ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର (ପଠାଣି ସାମନ୍ତ)ଙ୍କର ସିଦ୍ଧାନ୍ତ ଦର୍ପଣ ଜ୍ୟୋତିଷ ଶାସ୍ତ୍ରର ମାଇଲଖୁଣ୍ଟ ରୂପେ ବିବେଚିତ।** ଏହିଭଳି ଭାବରେ ଦେଖିବାକୁ ଗଲେ **ପ୍ରାଚୀନ ଯୁଗର ବୈଜ୍ଞାନିକ ଭାବରେ କପିଳ, କଣାଦ, ସୁଶ୍ରୁତ, ଚରକ, ଭାସ୍କରାଚାର୍ଯ୍ୟ, ବରାହମିହିର, ନାଗାର୍ଜୁନ, ଭରଦ୍ୱାଜ, ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ ଓ ଶ୍ରୀଧରାଚାର୍ଯ୍ୟ** ଇତ୍ୟାଦି ସ୍ଥାନିତ ହୋଇଥିବା ବେଳେ **ଆଧୁନିକ ଯୁଗରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ, ଚନ୍ଦ୍ରଶେଖର ଭେଙ୍କଟରମଣ, ଶ୍ରୀନିବାସ ରାମାନୁଜନ, ପ୍ରଫୁଲ୍ଲ ଚନ୍ଦ୍ର ରାୟ ଓ ଅବଦୁଲ କଲାମ ଇତ୍ୟାଦି ବୈଜ୍ଞାନିକମାନେ ଭାରତକୁ ମହିମାମଣ୍ଡିତ କରିଛନ୍ତି।** କିନ୍ତୁ ସଂସ୍କୃତ ଭାଷାର ଅଧ୍ୟୟନ ବୈଦେଶିକ ଷଡ଼ଯନ୍ତ୍ର କାରଣରୁ ଲୁପ୍ତପ୍ରାୟ ହୋଇଯିବାରୁ ଏ ସବୁ ଜ୍ଞାନ ଓ ବିଜ୍ଞାନ ଆଜି ସମସ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।। ସେଥିପାଇଁ ଆଜିର ଦିନରେ ଏ ସମଗ୍ର ବ୍ୟବସ୍ଥାକୁ ଯୁଗୋପଯୋଗୀ କରି ଜ୍ଞାନରାଶିର ପ୍ରୟୋଗ ଭାରତୀୟ ସମାଜ ଜୀବନ ଓ ବିଶ୍ୱ କଲ୍ୟାଣ ପାଇଁ କିପରି କରାଯାଇପାରିବ ତାର ପ୍ରଚେଷ୍ଟା ଆରମ୍ଭ ହେବା ଉଚିତ।

**୭. ନିଷ୍କର୍ଷ–** ଭାରତୀୟ ଜ୍ଞାନ ପରମ୍ପରା ଅନନ୍ତ। ସବୁ ବିଷୟ ଏଠାରେ ସମାହିତ କରିବା ସମ୍ଭବ ନୁହେଁ। ତେଣୁ କିଛି ବିଷୟକୁ ଜାଣିବା ପରେ ଆମ୍ଭେମାନେ ନିଜେ ବିଭିନ୍ନ ବିଷୟ ଇତ୍ୟାଦିର ଅଧ୍ୟୟନ କରିବା ଓ ସେ ବିଷୟରେ ଜାଣିବାର ପ୍ରୟାସ କରିବା। ପାଠ୍ୟପୁସ୍ତକରେ ମଧ୍ୟ ସବୁ ବିଷୟକୁ ସ୍ଥାନିତ କରିବା ସମ୍ଭବ ନୁହେଁ। କିନ୍ତୁ ଯାହା ପୁସ୍ତକରେ ଦିଆଯାଇଛି ତାହା ପଢ଼ାଇବା ସହ କିଛି ଦିଆଯାଇ ନ ଥିବା ବିଷୟ ମଧ୍ୟ ପାଠ୍ୟଦାନ ସମୟରେ ପ୍ରସଙ୍ଗ କ୍ରମେ କହିବା ଆବଶ୍ୟକ। ଔପଚାରିକ ପାଠନ ଅପେକ୍ଷା ଅନୌପଚାରିକ ପାଠନ ବିଶେଷ ଉପଯୋଗୀ ହୋଇଥାଏ। ଇତିହାସର ବିବିଧ ରୋଚକ ବିଷୟର ଉପସ୍ଥାପନ କରିବା ଆବଶ୍ୟକ, ଯାହା ଦ୍ୱାରା ପିଲାମାନେ ଭାରତର ସ୍ୱାଭିମାନୀ ଇତିହାସକୁ ଜାଣିବାର ସୁଯୋଗ ପାଇପାରିବେ। ସେହିଭଳି ଭାବରେ ବିବିଧ କବି, ମହାପୁରୁଷ, ନାଟ୍ୟକାର, ସନ୍ଥ, ମହାତ୍ମା ଏମାନଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିବା ସହ ଯଥାସମ୍ଭବ ଜୟନ୍ତୀ ପାଳନ କରିବା ଆବଶ୍ୟକ। ଭାରତବର୍ଷର ବିବିଧ ତୀର୍ଥସ୍ଥାନ ଓ ଐତିହାସିକ ସ୍ଥାନ ଇତ୍ୟାଦିର ଉଲ୍ଲେଖ ମଧ୍ୟ ଆବଶ୍ୟକ। ଏ ସବୁ ବିଷୟଗୁଡ଼ିକୁ ପଢ଼ାଇବା ବେଳେ ଶୈଳୀରେ ରୋଚକତା ଆବଶ୍ୟକ। ଆଜିର ଦିନରେ ପୁରାତନ ଗୁରୁକୁଳ ନାହିଁ। ସମୟ କ୍ରମେ ତାହା ପରିବର୍ତ୍ତନ ହୋଇଯାଇଛି। କିନ୍ତୁ ଗୁରୁକୁଳ ବ୍ୟବସ୍ଥାକୁ ଯୁଗୋପଯୋଗୀ କରାଇ ଗୁରୁକୁଳ ବ୍ୟବସ୍ଥାର ମୂଳଭୂତ ତତ୍ତ୍ୱ ଆଧାରିତ ପଦ୍ଧତିର ବିକାଶ କରାଇ ପାରିଲେ ଆମର ଜାତୀୟ ଶିକ୍ଷାନୀତିରେ ଅପେକ୍ଷା ରଖା ଯାଇଥିବା ଲକ୍ଷ୍ୟ ସାଧିତ ହେବା ସହ ଉପଯୁକ୍ତ ବ୍ୟକ୍ତିତ୍ୱର ନିର୍ମାଣ ମଧ୍ୟ ହୋଇପାରିବ, ଯାହା ଦ୍ୱାରା ଭାରତ ବିଶ୍ୱଗୁରୁ ହେବା ସହ ବିଶ୍ୱ କଲ୍ୟାଣର ମାର୍ଗ ମଧ୍ୟ ପ୍ରଶସ୍ତ ହେବ।

=======